ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୩୬

ବୁଲେଟିନ ନମ୍ବର :୭୧
ତାରିଖ : ୦୪.୦୯.୨୦୨୫
(ଗୁରୁବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୯.୦୮.୨୦୨୫ ରୁ ୦୪.୦୯.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୮୭.୪ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୭.୬-୩୩.୬ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୦-୨୬.୮ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୯.୦୯ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 05-09-2025 | 20 | 30 | 25 | 6 | 95 | 68 | 3 | 360 |
| 06-09-2025 | 10 | 31 | 25 | 5 | 93 | 63 | 1 | 90 |
| 07-09-2025 | 7 | 31 | 25 | 5 | 91 | 65 | 2 | 297 |
| 08-09-2025 | 8 | 32 | 26 | 5 | 91 | 61 | 3 | 291 |
| 09-09-2025 | 8 | 32 | 26 | 5 | 91 | 62 | 3 | 286 |

### ଆଗାମୀ ୫ ଦିନର ପାଣିପାଗ ସୂଚନା:

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆସନ୍ତା କାଲି ମଧ୍ୟମ ଧରଣ ବର୍ଷା ଓ ଏହା ପରେ ଆଗାମୀ ୪ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୧-୦୩ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୦-୩୨ ଡି.ସେ. ମଧରେ ଓ ସର୍ବନିମ୍ନ ତାପମାତ୍ରା ୨୫-୨୬ ଡି.ସେ. ମଧରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୧ ରୁ ୯୫ ପ୍ରତିଶତ ମଧରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୧-୬୮ ପ୍ରତିଶତ ମଧରେ ରହିବ ।

### ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)

ଆସନ୍ତା କାଲି ଭିତରେ ଢେଙ୍କାନାଳ ଜିଲ୍ଲାର ଗୋଟିଏ ରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଅଛି ।

ଆସନ୍ତା ୦୬ ରୁ ୦୯ ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଗତ ବର୍ଷା ଯୋଗୁଁ ପନିପରିବା ଫସଲରେ ଅତ୍ୟଧିକ ପାଣି ଜମି ରହିଥିଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
- ବର୍ତମାନର ଅଧିକ ଆର୍ଦ୍ରତା ଓ ଲଗାତାର ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା ଓ ଶଢା ଜନିତ ରୋଗ ହେବାର ସମ୍ଭାବନା ଥିବାରୁ ନିୟମିତ ପର୍ଯ୍ୟବେକ୍ଷଣ କରି ଉଚିତ ନିରାକରଣ ବ୍ୟବସ୍ଥା କରନ୍ତୁ ।
- ଆଗକୁ ସ୍ୱଳ୍ପରୁ ମଧ୍ୟମ ଧରମ ବର୍ଷା ହେବାର ସମ୍ଭାବନା ଥିବାରୁ ବିହନ ବୁଣାବୁଣି, ସାର ଓ କୀଟନାଶକ ପ୍ରୟୋଗ ସାମୟିକ ସ୍ଥଗିତ ରଖନ୍ତୁ ।
- ହାତରେ ଘାସ ବାଛି ଫସଲକୁ ତୃଣମୁକ୍ତ ରଖନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ପିଲ ଅବସ୍ଥା | • ରୁଆ ଓ ବୁଣା ଧାନରେ ପାଣି ଜମି ରହିଲେ ଲୌହ ବିଶାକ୍ତତା ପରିସ୍ଥିତି ସୃଷ୍ଟି ହୋଇପାରେ । ଏହା ଦ୍ୱାରା ଧାନ ଚେର ନଷ୍ଟ ହୋଇ ପତ୍ର ହଳଦିଆ ପଡିଯାଏ ଓ ଭଲଭାବରେ ବଢିପାରେ ନାହିଁ । ଏପରି ସ୍ଥଳେ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରି ଏକର ପ୍ରତି ୧୦-କିଲୋଗ୍ରାମ ପଟାସ ସାର ସହିତ ୧୦- କିଲୋଗ୍ରାମ ଜିଙ୍କ ସଲଫେଟ ଓ ୨୧ ଶତକଡା ଅଣୁସାର ପ୍ରୟୋଗ କରନ୍ତୁ । |
| ମକା | ଆଣ୍ଠୁ ଉଚ୍ଚ ଅବସ୍ଥା | • ବର୍ତମାନର ଅଧିକ ଆର୍ଦ୍ରତା ଓ ଲଗାତାର ବର୍ଷା ଯୋଗୁଁ ମକା ଫସଲରେ ନିମ୍ନମୁଖୀ ପତ୍ରପାଡା ରୋଗ ଦେଖା ଦେବାର ସମ୍ଭାବନା ଅଛି । ପରିଚାଳନା ପାଇଁ ଏକର ପ୍ରତି ୩୦୦ଗ୍ରାମ Azoxystrobin ଓ Mancozeb ମିଳିତ ଫିମ୍ପିନାଶକ, ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଆଖୁ ଫସଲରେ ପତ୍ର ଡିଆଁ ବା ଜାହାଜ କୀଟର ପରିଚାଳନା ପାଇଁ ଏକର ପ୍ରତି ୬୦-ମି.ଲି ଇମିଡାକ୍ଲୋପ୍ରିଡ (Imidacloprid) କିମ୍ବା ୪୦ଗ୍ରାମ ଥିଆମିଥୋଗଜାମ (Thiamethoxam) କିମ୍ବା ୪୦୦ମିଲି ପ୍ରୋଫେନୋଫସ (Profenophos) ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ, ଜଉ ପୋକ, ପତ୍ର ଉକୁଣି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ କିମ୍ବା ୮୦ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| କଖାରୁ ଜାତୀୟ ପରିବା | ଫୁଲ ଓ ଫଳ ଧରିବା ଅବସ୍ଥା | • ବର୍ଷା ପରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି, ପୋଟଳ ,ଲାଉ ଇତ୍ୟାଦି ଫସଲରେ ନିମ୍ନମୁଖୀ ପତ୍ରପାଡା ରୋଗ ଦେଖା ଦେବାର ସମ୍ଭାବନା ଅଛି । ଏହାର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ କପର ହାଇଡ୍ରୋକସାଇଡ (Copper Hydroxide) ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣିରେ ୩ଗ୍ରାମ ଫୋସେଟିଲ-ଆଲ (Fosetyl –AL) ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣିରେ ୨ଗ୍ରାମ କରବେଣ୍ଡାଜିମ ଏବଂ ମଙ୍କୋଜେବ (Carbendazim ଏବଂ Mancozeb) ର ମିଳିତ ଫିମ୍ପିନାଶକ ମିଶାଇ ସିଂଚନ କରନ୍ତୁ। |
| ବାଇଗଣ ଓ ଲଙ୍କା | ଫଳ ଧରିବା ଅବସ୍ଥା | • ବର୍ଷା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ Metalaxyl + Mancozeb ଓ ୧୦ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ । |
| କଦଳୀ | ଫଳ ଆସିବା ଅବସ୍ଥା | • କଦଳୀ ଜମିରୁ ବଳକା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଗଛ ନ ପଡିବା ପାଇଁ ଡେରା ଦିଅନ୍ତୁ । ସିଗାଟୋକା ପତ୍ର ଦାଗ ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି Mancozeb ୭୫% WP @ ୪୦୦-ଗ୍ରାମ or Zineb 75% WP @ ୪୦୦ ଗ୍ରାମ or Carbendazim 12% + Mancozeb 63% WP @ ୪୦୦ ଗ୍ରାମ ୨୦୦ ଲିଟର ପଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଗାଇଗୋରୁ | | • ଗାଇ ଗୁହାଳରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ଗୁହାଳକୁ ସର୍ବଦା ଶୁଖିଲା ଓ ପରିଷ୍କାର ରଖନ୍ତୁ । ଗାଇଗୋରୁ ମାନଙ୍କୁ ଓଦା ଓ କଞ୍ଚା ଘାସ ଖାଇବାକୁ ଦିଅନ୍ତୁ ନାହିଁ । ସକାଳେ ଓ ସନ୍ଧ୍ୟାରେ କଟା ଯାଇଥିବା ଘାସକୁ ୩୦ମିନିଟ ଖରାରେ ଶିଖିବାକୁ ଦିଅନ୍ତୁ । |
| କୁକୁଡା | | • ବର୍ଷା ଋତୁରେ କୁକୁଡା ମାନଙ୍କୁ ଗୁମ୍ଫାରୁ ରୋଗ, କୁକୁଡା ବସନ୍ତ, ଚୂନ ଝାଡା,ଗୋଲ କୃମି ଆଦି ରୋଗ ହେବାର ସମ୍ଭାବନା ଅଛି ।<br>• ଏହି ସବୁ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଛନ୍ନତା ଉପରେ ଧ୍ୟାନ ଦେବା ଆବଶ୍ୟକ । ଲିଟରକୁ ଶୁଖିଲା ରଖିବା ଆବଶ୍ୟକ ଓ ରୋଗ ହେବା ମାତ୍ରେ ତୁରନ୍ତ ଚିକିତ୍ସାକରିବା ଉଚିତ ।<br>• କୁକୁଡା ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ବର୍ଷା ଋତୁରେ ଆଣ୍ଟିବାୟୋଟିକ୍ ଦିଅନ୍ତୁ । |
| ଛେଳି | | • ବର୍ଷା ଋତୁରେ ଛେଳି ଗୁହାଳ ଚଟାଣକୁ ଯଥାସମ୍ଭବ ପରିଷ୍କାର ଏବଂ ଶୁଷ୍କ ରଖନ୍ତୁ ।ସଫା କରିବା ପରେ, ଅତ୍ୟଧିକ ଆର୍ଦ୍ରତା ଦୂର କରିବା ଏବଂ ଜୀବାଣୁ ମାରିବା ପାଇଁ ଚଟାଣରେ ଚୂନ ପାଉଡର ସ୍ପ୍ରେ କରନ୍ତୁ ।<br>• ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ କୀଟନାଶକ ଏବଂ ଟୀକାକରଣ କାର୍ଯ୍ୟସୂଚୀ ଅନୁସରଣ କରନ୍ତୁ । |
| ମାଛ | | • ଅଧିକାଂଶ ମତ୍ସ୍ୟ ପ୍ରଜାତି ମୌସୁମୀ ଋତୁରେ ପ୍ରଜନନ କରୁଥିବାରୁ ବର୍ଷା ଋତୁରେ ପୋଖରୀଗୁଡ଼ିକୁ କେନାଲ ପାଣିରେ ପୂର୍ଣ୍ଣ କରନ୍ତୁ ନାହିଁ ।<br>• ଯଦି ଦିନରେ ମେଘୁଆ ଅବସ୍ଥା ଦୀର୍ଘ ଘଣ୍ଟା ଧରି ରହିଥାଏ ଏବଂ ବର୍ଷା ହେତୁ ପ୍ଲାଙ୍କଟନ୍ ଫସଲ ନଷ୍ଟ ହୁଏ , ତେବେ ଏକ ପ୍ରଭାବଶାଳୀ ବାୟୁ ପ୍ରଣାଳୀ ମାଧ୍ୟମରେ ଅମ୍ଳଜାନ ସ୍ତରକୁ ବଜାୟ ରଖିବା ଏବଂ ପରବର୍ତ୍ତୀ ସୂର୍ଯ୍ୟକିରଣ ପର୍ଯ୍ୟନ୍ତ ଖାଇବାକୁ ଦେବା ବନ୍ଦ କରିବା ଉଚିତ । ପୋଖରୀ ଜଳକୁ ୨୦-୨୫% କମାଇ ପୁନଃ ପରିଷ୍କାର ଜଳ ଭର୍ତି କରନ୍ତୁ ଯାହା ଦ୍ୱାରା ପୋଖରୀର ଅମ୍ଳତା ଓ ଅମ୍ଳଜାନ ସ୍ତର ବଜାୟ ରହିବ । |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)